# Fifth Round of India-Azerbaijan Foreign Office Consultations (November 28, 2022)

November 29, 2022

## ଭାରତ-ଆଜରବାଇଜାନ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (28 ନଭେମ୍ବର 2022)

**ନଭେମ୍ବର 29, 2022**

ଭାରତ-ଆଜରବାଇଜାନ ମଧ୍ୟରେ 28 ନଭେମ୍ବର 2022 ରେ ନୂଆଦିଲ୍ଲୀରେ ପଞ୍ଚମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ ହୋଇଯାଇଛି।  ଏହି ବୈଠକରେ ଆଜରବାଇଜାନର ବୈଦେଶିକ ଉପମନ୍ତ୍ରୀ ମାନ୍ୟବର ଶ୍ରୀ ଏଲନୁର ମାମ୍ମାଡୋଭ ଆଜରବାଇଜାନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। 28 ଜୁଲାଇ 2016 ରେ ବାକୁଠାରେ ଚତୁର୍ଥ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ ହୋଇଥିଲା।

ଉଭୟ ପକ୍ଷ ରାଜନୈତିକ, ବାଣିଜ୍ୟ ଓ ଅର୍ଥନୈତିକ, କନସୁଲାର, ସଂସ୍କୃତି ଏବଂ ଶିକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ସମେତ ଭାରତ-ଆଜରବାଇଜାନ ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିଥିଲେ। ମିଳିତ ଜାତିସଂଘ ଓ ଅନ୍ୟାନ୍ୟ ବହୁପକ୍ଷୀୟ ସଂଗଠନଗୁଡ଼ିକରେ ସହଯୋଗ ଏବଂ ଆଞ୍ଚଳିକ ପ୍ରସଙ୍ଗଗୁଡିକ ଉପରେ ମଧ୍ୟ ମତ ବିନିମୟ ହୋଇଥିଲା।

ଚଳିତ ବର୍ଷ ଭାରତ ଏବଂ ଆଜରବାଇଜାନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନାର 30 ତମ ବାର୍ଷିକୀ ପାଳିତ ହେଉଛି। 1991 ରେ ଆଜରବାଇଜାନର ସ୍ୱାଧୀନତାକୁ ପ୍ରଥମେ ମାନ୍ୟତା ଦେଇଥିବା ଦେଶମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ।

ଦୁଇ ଦେଶ ବିଭିନ୍ନ କ୍ଷେତ୍ରରେ ବିଶେଷ କରି ବାଣିଜ୍ୟ, ବ୍ୟବସାୟ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗକୁ ସଫଳତା ସହ ଆଗକୁ ବଢାଇଛନ୍ତି। ଦ୍ୱିପାକ୍ଷିକ ବାଣିଜ୍ୟ ବହୁଗୁଣ ବୃଦ୍ଧି ପାଇଛି ଏବଂ ଜାନୁଆରୀ-ସେପ୍ଟେମ୍ବର 2022 ରେ ପ୍ରାୟ 1 ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଆଜରବାଇଜାନ ଭାରତକୁ ଅଶୋଧିତ ତୈଳର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହେଉଛି। ଆଜରବାଇଜାନର ହାଇଡ୍ରୋକାର୍ବନ କ୍ଷେତ୍ରରେ ଓଏନଜିସି ବିଦେଶ ଲିମିଟେଡର ବିଶେଷ ଆଗ୍ରହ ରହିଛି।

ଆଜରବାଇଜାନରେ ପ୍ରାୟ 1400 ଭାରତୀୟ ବସବାସ କରନ୍ତି। ଆଜରବାଇଜାନ ମଧ୍ୟ ବହୁ ସଂଖ୍ୟକ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି।

**ନୂଆଦିଲ୍ଲୀ**

**ନଭେମ୍ବର 28, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.